# ନୀଳକଣ୍ଠେଶ୍ୱର ବାବା ଓ ମାତା ପାର୍ବତୀଙ୍କ ବିବାହ ସମ୍ପନ୍ନ

**ହୀରାକୁଦ, ୧୧।୬(ସମିସ):** ହୀରାକୁଦ ନୀଳକଣ୍ଠେଶ୍ୱର ବାବାଙ୍କ ବରଯାତ୍ରୀ ଶୋଭାଯାତ୍ରା। ଗତ କାଲି ସନ୍ଧ୍ୟା ସମୟରେ ହୀରାକୁଦ ନୀଳକଣ୍ଠେଶ୍?ର ମନ୍ଦିରରେ ବାବାଙ୍କୁ ବରବେଶ ରେ ସଜାଇ ଅଳଙ୍କାର ପିନ୍ଧାଇ ମହିଳା ମାନେ ହଜାର ଭକ୍ତ ବରଯାତ୍ରୀ ଶୋଭାଯାତ୍ରାରେ ଯୋଗଦାନ କରି ଶକ୍ତି ନଗର ମନ୍ଦିରରେ ପହଞ୍ଚି ଥିଲେ। କିନ୍ନର ମାନଙ୍କ ସହିତ ଯୁବକ ମାନଙ୍କ ନୃତ୍ୟ ପରିବେଷଣ ଶୋଭାଯାତ୍ରାର ମୁଖ୍ୟ ଆକର୍ଷଣ ଥିଲା। ବିଭିନ୍ନ ସ୍ଥାନରେ ମହିଳା ମହିଳା ମାନେ କଳସ ଜାଗର ସଜାଇ ଅପେକ୍ଷାରତ ଥିଲେ। ଆଳତି ଓ ପୂଜା କରି ସ୍ୱାଗତ ଜଣାଇଥିଲେ। ବିଭିନ୍ନ ସଙ୍ଗଠନ ଦ୍ୱାରା ପାଣି ଓ ସର୍ବତ ର ବ୍ୟବସ୍ଥା କରାଯାଇଥିଲା। ପୁଲିସ୍ ବାହିନୀ ଶାନ୍ତି ଶୃଙ୍ଖଳା ସହିତ ଏହି ଶୋଭାଯାତ୍ରାକୁ ପରିଚାଳନା କରିଥିଲେ। ବର ପିତାମାତା ଭାବେ ପ୍ରକାଶ ସାହୁ, ଅନୀତା ସାହୁ, କନ୍ୟା ମାତା ପିତାମାତା ଭାବେ ପ୍ରସନ୍ନ ସାହୁ, ମାନସୀ ସାହୁ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ବିବାହକୁ ପଣ୍ଡିତ ମନୋଜ ଦେବତା, ପ୍ରଭାତ ମିଶ୍ର, ପ୍ରଶାନ୍ତ ଦାସ, ଭୀଷ୍ମ ପାଣିଗ୍ରାହୀ ପରିଚାଳନା କରିଥିଲେ। ଶୀତଳ



ଗାଲ ସେକି ସମସ୍ତ ରିତିନୀତି ସରିଲା ପରେ ମହା ଆଳତି ର ଆୟୋଜନ କରାଯାଇଥିଲା। ମହା ଆଳତି ବେଳେ ସୁନ୍ଦର ଆତସ ବାଜି କରାଯାଇଥିଲା। ହୁଳୁ ହୁଳି ଓ ମନ୍ତ୍ର ପାଠ ରେ ପ୍ରକଂପିତ ହୋଇଥିଲା ସହର, ହର ହର ମହାଦେବଙ୍କ ନାରା ଗୁଞ୍ଜରନ ହୋଇଥିଲା। ପଟୁଆରରେ ବାଜା, ସାଜସଜ୍ଜା ହୋଇ ନଗର ପରିକ୍ରମା କରି ବାହାରିଥିଲେ। ହଜାର ଷଷ୍ଠୀ କମିଟିର ସଭାପତି ମୋତିଲାଲ ବାରାଇ ସମ୍ପାଦକ ସଚୀକାନ୍ତ ମିଶ୍ର, ପ୍ରଶାନ୍ତ ନାୟକ, ଗୌତମ ନାୟକ, ସୀତାରାମ ପଣ୍ଡା, ଅଜିତ ପାତ୍ର, ସୁଶାନ୍ତ ପଣ୍ଡା, କ୍ଷୀରୋଦ ସାହୁ, ସୀମା ସାହୁ, ଲକ୍ଷ୍ମଣ ନାୟକ, କମଳ ଦେହୁରୀ, ସନ୍ତୋଷ ଜେନା, ବୁଲୁ ବଡ଼ପଣ୍ଡା, ଜିତେନ ସିଂ, ତରୁଣ ବେହେରା, ତରୁଣ ମାଝି ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

# ରେଢ଼ାଖୋଲ ଗ୍ରାମାଞ୍ଚଳରେ ବ୍ୟାପୁଛି କିଡ୍‌ନୀ ରୋଗ

**ରେଢାଖୋଲ, ୧୧।୬(ସମିସ)**

ରେଢ଼ାଖୋଲ ଗ୍ରାମାଞ୍ଚଳରେ ଦିନକୁ ଦିନ ବଢ଼ିବାରେ ଲାଗିଛି କିଡିନୀ ରୋଗୀଙ୍କ ସଂଖ୍ୟା। ରୋଗର ଚିକିତ୍ସା କରିବେ କଣ ଲୋକଙ୍କ ଦାରିଦ୍ର୍ୟତା ସମସ୍ୟାକୁ ଦ୍ୱିଗୁଣିତ କରୁଛି। ପିଇବା ପାଣିରୁ ରୋଗ ହେଉଥିବା ନେଇ ଚିନ୍ତାରେ ଲୋକେ। ରେଢାଖୋଲ ବ୍ଲକର ବିଭିନ୍ନ ଗାଁରେ ଏବେ କିଡିନି ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ଜଣାଯାଇଛି। ଯୁବକ ବୃଦ୍ଧ ସମସ୍ତେ ଏହି ରୋଗରେ ଆକ୍ରାନ୍ତ ହେଉଛନ୍ତି। ବିଭିନ୍ନ ଗ୍ରାମକୁ ଏହି ରୋଗ ମାଡ଼ି ବସୁଛି। ରେଢାଖୋଲ ବ୍ଲକ ଅନ୍ତର୍ଗତ ଲୁହାପଙ୍କ ପଞ୍ଚାୟତ ର କୁସୁମଖୋଲ ଗାଁ। ଏହି ଗାଁରେ ଏବେ ୬ ଜଣ କିଡିନି ରୋଗରେ ଆକ୍ରାନ୍ତ ହୋଇ ପଡ଼ିଛନ୍ତି। ଆଉ କିଡିନୀ ରୋଗରେ ୮ ଜଣ ମୃତ୍ୟୁ ବରଣ କରିଛନ୍ତି। କିଏ ଖଟରେ ଶୋଇ ରହିଛି ତ, ଆଉ କିଏ ବାଡ଼ି ଧରି ନଇଁ ନଇଁ ଚାଲୁଛି। ଗାଁରେ ଥିବା ୩ ଟି ନଳକୂଅ ରହିଛି, କିନ୍ତୁ ପାନୀୟ ଜଳ ପିଇବା ପାଇଁ ଗୋଟିଏ ବି ଉପଯୋଗୀ ନୁହେଁ। ଏହି ନଳକୂପ ପାଣି କେଉଁଠି ଲାଲ ତ, କେଉଁଠି ଲୁହା କଳଙ୍କି ଗୁଣ୍ଡ ବାହାରୁଛି। ଦାରିଦ୍ର୍ୟତା ଯୋଗୁଁ ଗ୍ରାମବାସୀ ରୋଗ ହେଲେ କଟକ, ବୁର୍ଲା ମେଡିକାଲକୁ ଯାଇ ପାରୁ



ନାହାନ୍ତି। ନାଁ ଔଷଧ କିଣି ଖାଇ ପାରୁଛନ୍ତି ନା ଠିକ୍‌ରେ ଚିକିତ୍ସା ହୋଇ ପାରୁଛନ୍ତି ବୋଲି ରୋଗୀ ଓ ସମ୍ପର୍କୀୟ କୁହନ୍ତି। ସେହିପରି ରେଢ଼ାଖୋଲ ବ୍ଲକର ତ୍ରୀବଣପୁର ଗ୍ରାମ ପଞ୍ଚାୟତ ଅଧୀନ ସାନଖଲିଆମାଳ, ବଂଶାଜାଲ ପଞ୍ଚାୟତର ଅଧୀନ ହେଲେଇ, ମୂଷାକଟା, କଦଳୀଗଡ଼ ପଞ୍ଚାୟତର ଅଧୀନ ତନ୍ତଗାଡ଼, ରେଢାଖୋଲ ଏନଏସିର କୁହି ଗ୍ରାମ ଗୁଡ଼ିକରେ କିଡିନୀ ରୋଗୀ ସଂଖ୍ୟା ବଢ଼ିବାରେ ଲାଗିଛି। ପ୍ରଶାସନ ପକ୍ଷରୁ ରୋଗୀ ଚିହ୍ନଟ, ଚିକିତ୍ସା ବ୍ୟବସ୍ଥା କରାଯାଇନଥିବା ବେଳେ ଲୋକେ କେବଳ ପ୍ରଶାସନର ଭରସାରେ ହିଁ ରହିଛନ୍ତି। ଦୀର୍ଘ ଦୁଇ, ତିନି ବର୍ଷ ହେଲାଣି ଧିରେଧିରେ ରୋଗ ଜଣକୁ ପରେ ଜଣେ ହେଉଥିବାରୁ ଲୋକେ ଏବେ ଭୟଭିତ ହୋଇ ରହିଛନ୍ତି। ଦିନଚର୍ଯ୍ୟା ସବୁକିଛି ଠିକ୍ ଚାଲିଥିବା ବେଳେ ହଠାତ ଦେହ ଅସୁସ୍ଥ ହୋଇ ଦୁର୍ବଳ ହୋଇ ପଡୁଛି। ୩୫ ବର୍ଷ ବୟସରୁ ରୋଗ ମାଡ଼ି ବସୁଛି। ସବୁଠୁ ବଡ଼କଥା ଏପର୍ଯ୍ୟନ୍ତ ଚିକିତ୍ସା ବ୍ୟବସ୍ଥା ଠିକ୍ ଭାବରେ ଗ୍ରାମବାସୀ ପାଇ ନାହାଁନ୍ତି ବୋଲି ଅଭିଯୋଗ କରିଛନ୍ତି। ରେଢ଼ାଖୋଲ ପ୍ରଶାସନ ପକ୍ଷରୁ ଗାଁରେ ଚିକିତ୍ସା ନହେବାରୁ ଗାଁ ଲୋକେ ବି ଭୟରେ ରହୁଛନ୍ତି। ସେପଟେ ଖୁବ ଶୀଘ୍ର ମେଡିକାଲ ଟିମ ପଠାଯାଇ ଏସବୁ ଗାଁ ଗୁଡିକରେ ଚିକିତ୍ସା ଆରମ୍ଭ କରିବା ସହ ପିଇବା ପାଣି ମଧ୍ୟ ଟେଷ୍ଟ କରାଯିବ ବୋଲି ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମିରଞ୍ଜନ ମହନ୍ତ ପ୍ରତିକ୍ରିୟା ଦେଇଛନ୍ତି। ପ୍ରଶାସନ ଯଦି ଆଗାମୀ ଦିନରେ କିଡନୀ ରୋଗ ବିଷୟରେ କୌଣସି ପଦକ୍ଷେପ ନନିଏ ତେବେ ଆଗାମୀ ଦିନରେ ଗ୍ରାମବାସୀ ଏକ ବଡ଼ ଧରଣର ବିପଦରେ ପଡ଼ିବେ ବୋଲି କୁହାଯାଉଛି।

## ପ୍ରତିଯୋଗୀ ପୁରସ୍କୃତ; କ୍ଷୁଦ୍ର ନାଟକ ମଞ୍ଚସ୍ଥ

# ହିଣ୍ଡାଲ୍‌କୋରେ ବିଶ୍ୱ ପରିବେଶ ଦିବସ ଉଦ୍‌ଯାପିତ



**ସମ୍ବଲପୁର, ୧୧।୬ (ସମିସ):** ହୀରାକୁଦ ହିଣ୍ଡାଲକୋ ପକ୍ଷରୁ ସପ୍ତାହ ବ୍ୟାପି ଚାଲିଥିବା ୫୧ ତମ ବିଶ୍ୱ ପରିବେଶ ଦିବସର ଉଦଯାପନୀ ଉତ୍ସବ ହିଣ୍ଡାଲକୋ କ୍ଲବ ପରିସରରେ ମହାସମାରୋହରେ ପାଳନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଦୂଷଣ ବୋର୍ଡ଼ ସମ୍ବଲପୁର କାର୍ଯ୍ୟାଳୟର ଆଞ୍ଚଳିକ ଅଧିକାରୀ ଡ଼କ୍ଟର ସତ୍ୟ ନାରାୟଣ ନନ୍ଦ, ମୁଖ୍ୟ ଅତିଥି ପରିବେଶ ଯନ୍ତ୍ରୀ ଇଂ ବିଶ୍ୱକାନ୍ତ ପ୍ରଧାନ ହିଣ୍ଡାଲକୋ ହୀରାକୁଦର ୟୁନିଟ ହେଡ ଦେବାଶିଷ ମଲ୍ଲିକ ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ସ୍ମେଲଟର ପ୍ଲାଣ୍ଟ ହେଡ ପ୍ରତାପ ସାହୁ, ପାୱାର ପ୍ଲାଣ୍ଟ ହେଡ ପ୍ରାଞ୍ଜଳ ପାଠକ, ମାନବ ସମ୍ବଳ ମୁଖ୍ୟ ବିଶ୍ୱାସ ସିନ୍ଧେ, ହିଣ୍ଡାଲକୋ ପରିବେଶ ବିଭାଗର ମୁଖ୍ୟ ରଞ୍ଜନ ଜେନା ଓ ସହକର୍ମୀ ବିଶ୍ୱଜିତ ପରିଡ଼ା ଉପସ୍ଥିତ ଥିଲେ। ସପ୍ତାହ ବ୍ୟାପି କର୍ଯ୍ୟକ୍ରମ ମାଧ୍ୟମରେ ପରିବେଶ ସଚେତନ୍ତା ପାଇଁ ନିୟମିତ, ତଥା ଚୁକ୍ତିଭିତ୍ତିକ କର୍ମଚାରୀ, ଛାତ୍ରଛାତ୍ରୀ, ସ୍ୱୟଂ ସହାୟିକା ଗୋଷ୍ଠୀ ତଥା ମହିଳାମାନଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥିଙ୍କ ସହ ଅନ୍ୟମାନେ ଦୀପ ପ୍ରଜ୍ୱଳନ କରି ସମାରୋହ ଆରମ୍ଭ କରିଥିଲେ। ଶ୍ରୀଯୁକ୍ତ ପ୍ରଧାନ ହିଣ୍ଡାଲକୋ ହୀରାକୁଦର ପରିବେଶ ସଚେତନତା ଉପରେ ବିଭିନ୍ନ ପ୍ରତିଯୋଗିତା ଓ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ସମ୍ବଲପୁର ୟୁନିଟ୍ ହେଡ ଶ୍ରୀଯୁକ୍ତ ମଲ୍ଲିକ ଉପସ୍ଥିତ କର୍ମଚାରୀ, ଜନସାଧାରଣ ଓ ଛାତ୍ରଛାତ୍ରୀମାନଙ୍କୁ ପରିବେଶ ସଂରକ୍ଷଣ ରଖିବା ପାଇଁ ଜଳ ଏବଂ ବିଦ୍ୟୁତର ଅପଚୟ ନକରି ସଂରକ୍ଷଣ କରିବା ପାଇଁ ଆହ୍ୱାନ ଜଣାଇଥିଲେ। ସର୍ବଶ୍ରୀ ପ୍ରାଞ୍ଜଳ ପାଠକ, ପ୍ରତାପ ସାହୁ, ବିଶ୍ୱାସ ସିନ୍ଧେ, ରଞ୍ଜନ କୁମାର ଜେନା ଉପସ୍ଥିତ ଜନସାଧାରଣଙ୍କୁ ପରିବେଶ ସନ୍ତୁଳନ କରିବାରେ ସମସ୍ତେ ସାହାଯ୍ୟ କରିବା ଦରକାର ବୋଲି ଉଦବୋଧନ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ ସଫଳ ହୋଇଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରିବେଶ ସଚେତନ୍ତା ପାଇଁ କ୍ଷୁଦ୍ର ନାଟକ 'ପ୍ଲାଷ୍ଟିକକୁ ନା-ନା' ଏବଂ 'ଆଓ ପେଡ ଲଗାଏଁ' ମଞ୍ଚସ୍ଥ ହୋଇଥିଲା। ଏହି ନାଟକ ଅତ୍ୟନ୍ତ ହୃଦୟ ସ୍ପର୍ଶୀ ଏବଂ ଦର୍ଶକଙ୍କୁ ଭାବ ବିହ୍ୱଳ କରିଥିଲା। ଏହି କାର୍ଯ୍ୟକ୍ରମକୁ ହିଣ୍ଡାଲକୋ ହୀରାକୁଦର ପରିବେଶ ବିଭାଗ ସହ ସମସ୍ତ ବିଭାଗ ମିଶି ସଫଳ କରିଥିଲେ।

# ରକ୍ତଦାନର ୨୦ ବର୍ଷ ପୂର୍ତ୍ତି: ଧନ୍ୟବାଦ ରକ୍ତଦାତା

**ସମ୍ବଲପୁର, ୧୧।୬(ସମିସ):** ସ୍ୱେଚ୍ଛାକୃତ ଦାନ ମାଧ୍ୟମରେ ଜୀବନ ବଞ୍ଚାଇବାର ନିଃସ୍ୱାର୍ଥପର କାର୍ଯ୍ୟ ପାଇଁ ରକ୍ତଦାତାଙ୍କୁ କୃତଜ୍ଞତା ଜଣାଇବା ପାଇଁ ପ୍ରତିବର୍ଷ ଜୁନ୍ ୧୪ ତାରିଖରେ ବିଶ୍ୱ ରକ୍ତଦାତା ଦିବସ ପାଳନ କରାଯାଏ। ଏହି ଦିବସ ନିୟମିତ, ଅଣ-ଲାଭଦାୟକ ସ୍ୱେଚ୍ଛାକୃତ ରକ୍ତଦାନର ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତାକୁ ସ୍ମରଣ କରାଇଥାଏ। ଜୀବନ ରକ୍ଷା ବିଷୟରେ ସଚେତନତା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଥାଏ। ଚଳିତ ବର୍ଷ ର ପ୍ରଚାର ସ୍ଲୋଗାନ ହେବ 'ପାଳନର ୨୦ ବର୍ଷ ପୂର୍ତ୍ତି: ଧନ୍ୟବାଦ, ରକ୍ତଦାତା। ଉତ୍ତମ ରକ୍ତ ସଂଗ୍ରହ ସହିତ ଇଚ୍ଛୁକ ରକ୍ତଦାତାଙ୍କ ପଞ୍ଜୀକରଣ, ଗ୍ରାମୀଣ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା, ସହିତ ରକ୍ତଦାତାଙ୍କୁ ଏହି କାର୍ଯ୍ୟକ୍ରମ ରେ ସମ୍ବର୍ଦ୍ଧିତ କରାଯିବ। ଅବସରରେ ରାଜ୍ୟ ରକ୍ତ ସଞ୍ଚାଳନ ପରିଷଦ, ଓଡ଼ିଶା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓ ଜିଲ୍ଲା ପ୍ରଶାସନ ସମ୍ବଲପୁର ପକ୍ଷରୁ ଆସନ୍ତା ୧୪ ତାରିଖ ସକାଳ ୯ଟାରୁ ଓଡ଼ିଶା ରକ୍ତ କେନ୍ଦ୍ରର ସମ୍ମିଳନୀ କକ୍ଷରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି।




# ପ୍ରଥମ ଥର ପାଇଁ ଦିଲ୍ଲୀରେ ନାକଟିଦେଉଳ ଆମ୍ବ

**ରେଢ଼ାଖୋଲ, ୧୧।୬(ସମିସ):** ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ କିସିଣ୍ଡା ଗ୍ରାମ ପଞ୍ଚାୟତ ଅଧୀନ ଖମାରବାହାଲ ଗ୍ରାମର ଦିବ୍ୟାଙ୍ଗ ଚାଷୀ ରୋହିତ ଭୋଇ ଦିଲ୍ଲୀର ମଦର ଡାଏରୀ ନିକଟକୁ ଟ୍ରେନ୍ ଯୋଗେ କ୍ଷେତରାଜପୁର ରେଲୱେ ଷ୍ଟେସନ ରୁ ଉନ୍ନତ ମାନର ଆମ୍ବ ପଠାଇଛନ୍ତି। ଆମ୍ବ ଚାଷୀ ପାଇଁ ଉଦାହରଣ ପାଲଟିଛନ୍ତି। ରୋହିତ ଭୋଇ କିନ୍ତୁ ଭିନ୍ନକ୍ଷମ ହୋଇଥିବା ବେଳେ ସକ୍ଷମତା ଭଳି ପ୍ରଦର୍ଶନ କରିଛନ୍ତି। ଓରମାସ ସଂଯୋଜକ ଶ୍ରୀମନ୍ତ ହୋତା, ଶର୍ମିଷ୍ଠା ସାହୁ, ବିଜ୍ନେସ ମ୍ୟାନେଜର ଚର୍ଚ୍ଚିତା ପଣ୍ଡା, ସୋନାଲି ନାଏକ ଆକାଉଣ୍ଟ ସେକ୍ସନ ଏବଂ ନାକଟିଦେଉଳ ସିଓ ଚିନ୍ମୟ ମାଝୀ ପ୍ରମୁଖ ରୋହିତ ଭୋଇଙ୍କ ଆମ୍ବ ବଗିଚାରେ ଉପସ୍ଥିତ ରହି ପାର୍ସଲ କରିବାରେ ସହଯୋଗ କରିଥିଲେ। ଟେକ୍ନିକାଲ ଟେଷ୍ଟ ଫ୍ରୁଟ କିଟ୍ ଦ୍ୱାରା ଆମ୍ବ ପରୀକ୍ଷଣ କରାଯାଇଥିଲା। ସୌର ରଶ୍ମି ମାଧ୍ୟମରେ ଆମ୍ବର ମିଠା, ପରିପକ୍ୱତା ସ୍ୱତନ୍ତ୍ର କିଟ୍ ରେ ରୋହିତ ପରୀକ୍ଷା କରୁଛନ୍ତି। ଆଗାମୀ ଦିନରେ ସରକାରୀ ପ୍ରୋତ୍ସାହନ ଓ ସାହାଯ୍ୟ ପାଇଁ ରୋହିତ ସରକାରଙ୍କୁ ଅନୁରୋଧ କରିଛନ୍ତି।



# ୱେଷ୍ଟର୍ଣ୍ଣ ଓଡ଼ିଶା ଯୁବା ମଞ୍ଚ ପକ୍ଷରୁ ରକ୍ତଦାନ ଶିବିର

**ରେଢ଼ାଖୋଲ, ୧୧।୬(ସମିସ):** ୱେଷ୍ଟର୍ଣ୍ଣ ଓଡ଼ିଶା ଯୁବ ମଞ୍ଚ ତରଫରୁ ନାକଟିଦେଉଳ ବ୍ଲକ ଅନ୍ତର୍ଗତ କାଦୋବାହାଲ ପଞ୍ଚଖଣ୍ଡା ଉଚ୍ଚ ବିଦ୍ୟାଳୟ ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଦସ୍ୟ ତ୍ରିବିକ୍ରମ ସାହୁ ନେତୃତ୍ୱରେ ଦେଇଥିଲେ। ଶିବିରରେ ମୁଖ୍ୟ ଅତିଥି ଭାବରେ ସରପଞ୍ଚ ସସ୍ମିତା ପ୍ରଧାନ ଯୋଗ ଦେଇଥିଲେ। ମୋଟ ୨୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ଶିବିରରେ ସଦସ୍ୟ ବିଭବ ପ୍ରଧାନ, ମୌସମ ଦେହୁରୀ, ହାପି ସାହୁ, ଅରବିନ୍ଦ ମିର୍ଦ୍ଧା ପ୍ରମୁଖ ସମେତ ଅନ୍ୟ ସଦସ୍ୟ ମାନେ ସକ୍ରିୟ ସହଯୋଗ କରିଥିଲେ। ଏହି ଶିବିରରେ ରକ୍ତ ସଂଗ୍ରହ ବେଳେ ରେଢ଼ାଖୋଲ ରକ୍ତ ଭଣ୍ଡାରର ଲେବ ଟେକନିସିଆନ ଇନ୍ଦ୍ରମଣି ବେହେରା, ମନୋରମା ଧଳ ଏବଂ ଅନ୍ୟଷ୍ଟାଫ୍ ମାନେ ସହଯୋଗ କରିଥିଲେ।




# ଡାକ୍ତର ରାମଚନ୍ଦାନୀଙ୍କୁ ପଦ୍ମଶ୍ରୀ ରାଧାମୋହନ ସ୍ମୃତି ସମ୍ମାନ

**ବୁର୍ଲା, ୧୧।୬(ସମିସ):** ଭିମାସରର ମେଡିସିନ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ତଥା ଏକ ଟଙ୍କିଆ କ୍ଲିନିକର ପ୍ରତିଷ୍ଠାତା ଡାକ୍ତର ଶଙ୍କର ରାମଚନ୍ଦାନୀଙ୍କୁ ମିଳିଲା ରାଧାମୋହନ ସ୍ମୃତି ସମ୍ମାନ। ଭୁବନେଶ୍ୱରସ୍ଥିତ ଜୟଦେବ ଭବନଠାରେ ଅନୁଷ୍ଠିତ ଭବ୍ୟ କାର୍ଯ୍ୟକ୍ରମରେ ରାମଚନ୍ଦାନୀଙ୍କୁ ଏହି ସମ୍ମାନ ମିଳିଛି। ସ୍ୱାସ୍ଥ୍ୟ ତଥା କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ସମ୍ମାନୀତ କରାଯାଇଛି। ତେବେ ରାମଚନ୍ଦାନୀଙ୍କ ମାଁଙ୍କ ସ୍ୱାସ୍ଥ୍ୟବସ୍ଥା ଖରାପ ଥିବାରୁ ରାମଚନ୍ଦାନୀଙ୍କ ଛାତ୍ର ସାଗର ନାୟକ ଏହି ସମ୍ମାନ ଗ୍ରହଣ କରିଛନ୍ତି। ସୂଚନା ଅନୁସାରେ ଏକ ଟଙ୍କିଆ କ୍ଲିନିକ ଆରମ୍ଭ କରି ରାମଚନ୍ଦାନୀ ୬୦ ହଜାର ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇ ଦେଲେଣି। ଏହା ସହ କୃଷି କ୍ଷେତ୍ରରେ ଚାଷୀ ଆତ୍ମହତ୍ୟା କମାଇ ଦିଗରେ ଏକି ବୃହତ ଆନ୍ଦୋଳନ କରିଥିଲେ। ପାରାକ୍ୱେଟ କୀଟନାଶକ ଔଷଧକୁ ଓଡ଼ିଶାରେ ବ୍ୟାନ କରିବା ଦାବିରେ ରାମଚନ୍ଦାନୀ ଓ ତାଙ୍କର କିଛି ମେଡିକାଲ ଛାତ୍ର ଆମରଣ ଅନଶନ କରିଥିଲେ। ତେବେ ରାମଚନ୍ଦାନୀଙ୍କ ଆନ୍ଦୋଳନ ଆଗରେ ମୁଣ୍ଡ ନୂଆଁଇଥିଲା କୃଷି ବିଭାଗ।। ଶେଷରେ ସାମୟିକ ଭାବରେ ଓଡ଼ିଶାରେ ପାରାକ୍ୱେଟକୁ ବ୍ୟାନ କରାଯାଇଛି ରାମଚନ୍ଦାନୀଙ୍କ ଏହି ଉଦ୍ୟମରେ ଗୋଟିଏ ପଟେ ସ୍ୱାସ୍ଥ୍ୟ ସେବାରେ ୬୦ ହଜାର ରୋଗୀ ଉପଶମ ହୋଇଥିବାବେଳେ ପାରାକ୍ୱେଟ ନିଷିଦ୍ଧ ହେବାରୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ସମ୍ମାନ ପ୍ରଦାନ ସମାରୋହରେ ପଦ୍ମଶ୍ରୀ ସାବରମତୀ ଉପସ୍ଥିତ ଥିଲେ। ଏହି ସମ୍ମାନକୁ ଡାକ୍ତର ରାମଚନ୍ଦାନୀ ନିଜ ମାଁଙ୍କୁ ଉତ୍ସର୍ଗ କରିବା ସହ ଆଗକୁ ସେବା ଯୋଗାଇବା କ୍ଷେତ୍ରରେ ପ୍ରେରଣା ଯୋଗାଇବ ବୋଲି କହିଛନ୍ତି।

## ଲୋକନୃତ୍ୟ କ୍ଷେତ୍ରରେ ସାନିକା ଡ୍ୟାନ୍ସ ଏକାଡେମୀକୁ ୨୦ ପୁରସ୍କାର

# ଗୁରୁ ସୀମନ୍ତିକାଙ୍କୁ ଜାତୀୟ ନୃତ୍ୟ ମୟୂରୀ ଆୱାର୍ଡ

**ସମ୍ବଲପୁର, ୧୧।୬(ସମିସ):** ସମ୍ବଲପୁରର ସାନିକା ଡାନ୍ସ ଏକାଡେମୀକୁ କଟକ ଅନ୍ନପୂର୍ଣ୍ଣା ଥିଏଟର ଠାରେ ଆୟୋଜିତ କଳା ସମାରୋହରେ ୨୦ ଗୋଟି ପୁରସ୍କାର ପ୍ରଦାନ କରାଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗର ସହଯୋଗରେ 'ନିଖିଳ ଉତ୍କଳ କଳା ନିକେତନ' ଦ୍ୱାରା ଆୟୋଜିତ ଏହି ସପ୍ତମ କଳା ସମାରୋହ ଜୁନ ୮ରୁ ୧୦ ପର୍ଯ୍ୟନ୍ତ ଚାଲୁଥିଲା। ଏହି ସମାରୋହରେ ସମ୍ବଲପୁର ସାକ୍ଷୀପଡ଼ା ସ୍ଥିତ 'ସାନିକା ଡାନ୍ସ ଏକାଡେମୀ' ଲୋକନୃତ୍ୟ ବର୍ଗର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲା। ଏହି ଅନୁଷ୍ଠାନର ପ୍ରତିଷ୍ଠାତା ତଥା ଗୁରୁ ସୀମାନ୍ତିକା ଦାସଙ୍କ ନିର୍ଦ୍ଦେଶିତ ୯ ଗୋଟି ସମ୍ବଲପୁରୀ ଲୋକନୃତ୍ୟ ଏହି ପ୍ରତିଯୋଗିତାରେ ପରିବେଷଣ ହୋଇଥିଲା। ତନ୍ମଧ୍ୟରୁ ସବ-ଜୁନିଅର ଗ୍ରୁପ ଏକକ ନୃତ୍ୟରେ ସ୍ୱୟଂଶ୍ରୀ ଭୋଇ ଏବଂ ସଂସିତା ପାଢ଼ୀ ଯଥାକ୍ରମେ ପ୍ରଥମ ଏବଂ ଦ୍ୱିତୀୟ ସ୍ଥାନ ଅଧିକାର କରିବା ସହ ଉଭୟ ପ୍ରତିଯୋଗୀ ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ 'ରଙ୍ଗବତୀ' ଗୀତରେ ଯୁଗଳ ନୃତ୍ୟ ପ୍ରଦର୍ଶନ କରି ପ୍ରଥମ ପୁରସ୍କାର ପାଇଛନ୍ତି। ଜୁନିଅର ଗ୍ରୁପରେ ଏକକ ନୃତ୍ୟରେ କୃଷ୍ଣା ନାରାୟଣୀ ସାହୁ, ଇପ୍ସିତା ବିଶ୍ୱାଳ ଏବଂ ଶିକ୍ଷା ପ୍ରିୟଦର୍ଶିନୀ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ପୁରସ୍କାର ପ୍ରାପ୍ତ କରିଛନ୍ତି। ସେହିପରି ଜୁନିଅର ଗ୍ରୁପରେ ଏକ ଟ୍ରାଇଓ ନୃତ୍ୟ ପରିବେଷଣ କରି 'ସାନିକା ଡାନ୍ସ ଏକାଡେମୀ' ପ୍ରଥମ ପୁରସ୍କାର ପାଇଥିବା ବେଳେ ଦଳଗତ ନୃତ୍ୟର ପ୍ରଥମ ପୁରସ୍କାର ମଧ୍ୟ ହାତମୁଠା କରି ସର୍ବମୋଟ ୨୦ ଟି ପୁରସ୍କାର ଏକାଡେମୀ ପାଇଁ ଅର୍ଜନ କରିଛନ୍ତି। ଏହି ଅବସରରେ ଅନୁଷ୍ଠାନର ଗୁରୁ ସୀମାନ୍ତିକା ଦାସଙ୍କୁ ଲୋକନୃତ୍ୟ ପ୍ରଚାର ପ୍ରସାର କରୁଥିବା ନେଇ ଜାତୀୟ ନୃତ୍ୟ ମୟୁରୀ ଆୱାର୍ଡରେ ସମ୍ବର୍ଦ୍ଧିତ କରାଯାଇଛି। ଏହା ସହ ସାନିକା ଡାନ୍ସ ଏକାଡେମୀକୁ ମଧ୍ୟ ମାନପତ୍ର ପ୍ରଦାନ କରାଯାଇଛି। ଏହି ଅନୁଷ୍ଠାନର ସୁପ୍ରିୟା ନନ୍ଦଙ୍କୁ ନୃତ୍ୟ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଛି।

# ସତ୍ୟ, ତ୍ରେତୟା ଯୁଗ ପରମ୍ପରାରେ ବିବାହ

**ସମ୍ବଲପୁର, ୧୧।୬(ସମିସ)**

ଧରାପୃଷ୍ଠରେ ଜଗତ ଜନନୀ ଓ ଦେବଦେବ ମହାଦେବଙ୍କ ବୈଦିକ ରୀତିନୀତିରେ ଶୀତଳ ଷଷ୍ଠୀରେ ସମ୍ପନ୍ନ ହୋଇଛି। ଆଜି ମାହେନ୍ଦ୍ର ବେଳାରୁ ବିବାହ ଆରମ୍ଭ ହୋଇଥିବାବେଳେ ଆଜି ସକାଳରେ ଶେଷ ହୋଇଛି। ଗତ ରାତି ପ୍ରାୟ ୧୧ଟାରେ ସମସ୍ତ ଶୀତଳ ଷଷ୍ଠୀ ଯାତ୍ରା କମିଟିର ମହାଦେବଙ୍କ ବରଯାତ୍ରୀ ଶୋଭାଯାତ୍ରା ବାହାରିଥିଲା। ବରଯାତ୍ରୀ ଶୋଭାଯାତ୍ରାରେ ବାହାରିଥିଲେ। ଘଣ୍ଟଘଣ୍ଟା ଓ ଶଙ୍ଖନାଦରେ ଫାଟି ପଡୁଥିଲା। ଶୋଭାଯାତ୍ରାରେ ସାମିଲ ହୋଇଥିଲେ ସୁର, ଅସୁର, ଯକ୍ଷ, ଗନ୍ଧର୍ବ, ନର, ବାନର, କିନ୍ନର, ଭୂତ, ପ୍ରେତ, ପିଶାଚ। ଏଥିସହ ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ଲୋକ କଳାକାର ମଧ୍ୟ ସାମିଲ ହୋଇଥିଲେ। ଶିବ ବିବାହାରେ କିନ୍ନରମାନେ ନୃତ୍ୟ ପରିବେଷଣ କରିଥିଲେ। ବିବାହ ଶୋଭାଯାତ୍ରା କନ୍ୟା ପକ୍ଷରୁ ବର ପକ୍ଷଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇ ଘରକୁ ପାଛୋଟି ନିଆଯାଇଥିଲା। ଏହାପରେ ଆରମ୍ଭ ହୋଇଥିଲା ବିବାହ। ସମ୍ପୂର୍ଣ୍ଣ ମାନବୀୟ





ରୀତିନୀତି ଅନୁସାରେ ଦେବ ଦମ୍ପତିଙ୍କ ବିବାହ ସକାଳ ପ୍ରାୟ ସାଢେ ୮ଟା ମଧ୍ୟରେ ସମ୍ପନ୍ନ ହୋଇଥିଲା। ଆସନ୍ତା କାଲି ସକାଳେ ଦେବ ଦମ୍ପତିଙ୍କ ଯୁଗଳ ଦର୍ଶନ ଶୋଭାଯାତ୍ରା ବାହାରିବ। ସମ୍ବଲପୁର ଶୀତଳ ଷଷ୍ଠୀ ଯାତ୍ରାରେ ଶିବ ବିବାହ ସମ୍ପୂର୍ଣ୍ଣ ଲୋକାଚାରରେ ହୋଇଥାଏ। ବିଭିନ୍ନ ଯାତ୍ରା କମିଟିରେ ଭିନ୍ନ ଭିନ୍ନ ପଦ୍ଧତିରେ ଶିବ ବିବାହ ହୋଇଥାଏ। ସମ୍ବଲପୁରର ନନ୍ଦପଡ଼ା ବମ ବରାଡ଼ ବାଲୁଙ୍କେଶ୍ୱର ମହାଦେବଙ୍କ ବିବାହ ଶମ୍ଭୁଧର ପଦ୍ଧତିରେ ହୋଇଥାଏ। ଏହି ପଦ୍ଧତିକୁ ସତ୍ୟ ଯୁଗର ବିବାହ ପଦ୍ଧତି ବୋଲି ପଣ୍ଡିତ କୁହନ୍ତି। ସମ୍ବଲପୁରର ନନ୍ଦପଡ଼ାର ମୁଖ୍ୟ ପୂଜକ ଶଶାଙ୍କ ଶେଖର ମିଶ୍ରଙ୍କ ଅନୁସାରେ ବରଯାତ୍ରୀ ଶୋଭାଯାତ୍ରା କନ୍ୟା ଘର ପହଞ୍ଚିବା ପରେ ପ୍ରଥମେ ବାଟ ବରଣ ହୋଇଥାଏ। ଏହାପରେ ମହାଦେବଙ୍କୁ ବିବାହ ବେଦୀକୁ ନିଆଯାଏ। ପ୍ରଥମେ ବରଣ ନୀତି ହୋଇଥାଏ। ପରେ ବାକ ଦାନ ଓ ପରେ ଶିବଙ୍କ ଅଧିବାସ ହୋଇଥାଏ। ପରେ ପରେ ମାତା ପାର୍ବତୀଙ୍କ ଅଧିବାସ, ଲବଣ ଚାମୁରୀ, ସାରାର୍ଧ୍ୟ କର୍ମ, ଦ୍ୱିତୀୟ ବରଣ ଓ ପରେ ପରେ ମହାବାକ୍ୟ କନ୍ୟାଦାନ ହୋଇଥାଏ। ହୋମ, ପୂର୍ଣ୍ଣାହୁତି, ଶିବଙ୍କ ଶୀତଳ ତୁଣ୍ଡି ଭୋଗ ସହ ବିବାହ ସମ୍ପନ୍ନ ହୋଇଥାଏ। ଝାଡୁଆ ପଡ଼ା ଓ ମୁଦିପଡ଼ା ଶୀତଳ ଷଷ୍ଠୀ ଯାତ୍ରାରେ ବାସୁଦେବ ପଦ୍ଧତିରେ ଶିବ ବିବାହ ହୋଇଥାଏ। ଏହାକୁ ତ୍ରେତୟା ଯୁଗର ପଦ୍ଧତି କୁହାଯାଏ।

ପ୍ରଥମ ଶ୍ରାଦ୍ଧବାର୍ଷିକୀ

ଆବିର୍ଭାବ: ୧୦.୦୮.୧୯୨୮

ତିରୋଧାନ: ୨୫.୦୫.୨୦୨୩



୰ନାରାୟଣ ତ୍ରିପାଠୀ

ଆପଣଙ୍କର ସ୍ନେହ, ଶ୍ରଦ୍ଧା, ପ୍ରେରଣା, ଦିଗଦର୍ଶନ, ସହନଶୀଳତା ଆମ୍ଭମାନଙ୍କର ଜୀବନର ପାଥେୟ ହେଉ। ଆଜି ଆପଣଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକ ଅବସରରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ବିନମ୍ର ପ୍ରାର୍ଥନା ।

ପୁଅ-ସୁଶାନ୍ତ ତ୍ରିପାଠୀ, ବୋହୂ-ଅଂଶୁ ତ୍ରିପାଠୀ,
ନାତିନାତୁଣୀ- ସୂର୍ଯ୍ୟକାନ୍ତ ଓ ଅଙ୍କିତା
ଏବଂ ଶୋକସନ୍ତପ୍ତ ତ୍ରିପାଠୀ ପରିବାରବର୍ଗ
C/1290, 1st Floor, CDA, Sector-VI, Cuttack-753014

ସୌଜନ୍ୟ-
P&A | PIXCELADS | hp Minerals | MO Fashion | WEALTHVITA IMF PRIVATE LIMITED

ସକାଳ THE SAKALA



### ୭ ଦିନ ମଧ୍ୟରେ ଧାନ ଉଠାଇବା ଦାବିରେ

# ଭେଡେନ ବ୍ଲକ୍ ଚାଷୀ ସଂଗଠନର 'ମଣ୍ଡିକୁ ଚାଲ' ଅଭିଯାନ

**ଭେଡେନ, ୧୧।୬(ସମିସ)**

ଭେଡେନ ବ୍ଲକ କୃଷକ ସଂଗଠନ ପକ୍ଷରୁ ମଣ୍ଡିକୁ ଚାଲ ଅଭିଯାନ ଆରମ୍ଭ ହୋଇଛି। ମଣ୍ଡିର ଦୁର୍ଦ୍ଦଶା, ଅବ୍ୟବସ୍ଥା, କଟନି ଛଟନି, ଧାନ ପଡ଼ି ରହିବା, ବସ୍ତା, ମଣ୍ଡିରେ ଗୁଣାତ୍ମକ ମାନ ସହିତ ଆର୍ଦ୍ରତା ମପା ନଯିବା କାରଣରୁ ଚାଷୀ ନିରୁତ୍ସାହିତ ହୋଇ ଦଲାଲ ସାହାଯ୍ୟରେ ଧାନ ବିକ୍ରି କରୁଥିବା ସଙ୍ଗଠନ ଦାବି କରୁଛି। ବରଗଡ଼ ଜିଲ୍ଲାର ପ୍ରାୟ ମଣ୍ଡିରେ ଦଲାଲରାଜ ଚାଲିଛି କୌଣସି ମଣ୍ଡିରେ ସରକାରୀ ନିୟମ ଅନୁସାରେ କାମ ହେଉନାହିଁ। ମଣ୍ଡି ଦାୟିତ୍ୱରେ ଥିବା ଆର ଏମ ସି, ପେକ୍ସ କର୍ମଚାରୀ ମାନେ ଚାଷୀମାନଙ୍କର ଧାନ କିଣାବିକା ଦାୟିତ୍ୱରେ ନରହି ମିଲ ମାନଙ୍କ ଦଲାଲଗିରି କରୁଛନ୍ତି ଏବଂ ବାହାରେ ବାହାରେ ସ୍ଲିପ୍ କାଟି ଧାନ କିଣା ଦଲାଲ ମାନଙ୍କୁ ସାହାଯ୍ୟ କରୁଛନ୍ତି। ପ୍ରଶାସନ ନିରବଦ୍ରଷ୍ଟା ଚାଷୀର ଭଲ ଧାନରେ ୧ ରୁ୨କେଜି କଟିଙ୍ଗ ନଦେଲେ ଧାନ ଉଠୁ ନାହିଁ। ବରଗଡ଼ ଜିଲ୍ଲାରେ ୮୫ ହଜାର ଚାଷୀ ପଞ୍ଜିକୃତ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ୫୭ହଜାର ଚାଷୀ ପ୍ରାୟ ୪୦ ଲକ୍ଷ



କୁଇଣ୍ଟାଲ ଧାନ ବିକ୍ରି କରିସାରିଲେଣି। ଆହୁରି ୨୭ ହଜାର ଚାଷୀ ଧାନ ବିକ୍ରି କରିବେ ସେମାନଙ୍କ ଧାନ ୧୦ରୁ୨୦ ଦିନ ହେବ ମଣ୍ଡିରେ ଖୋଲା ଆକାଶ ତଳେ ପଡ଼ିଛି। ଚାଷୀ ତୁରନ୍ତ ଧାନ ବିକ୍ରି କରି ନୂତନ ଧାନ ଚାଷ କରିବା ପାଇଁ ଇଚ୍ଛୁକ ହେଲେ କରିବ କଣ ମିଲ ମାନେ ଠିକ ଭାବେ ଗାଡ଼ି ପଠାଉ ନାହାଁନ୍ତି। ସେଥିପାଇଁ ମନ୍ଥର ଗତିରେ ଧାନ କିଣା ହେଉଛି। ଏଣୁ କୃଷକ ସଂଗଠନ ଦାବି କରୁଅଛି ଯେ ମୌସୁମୀ ଏବଂ ନୂତନ ଚାଷ କାରଣରୁ ମଣ୍ଡିରେ ପଡ଼ିଥିବା ସମସ୍ତ ଧାନ ୭ ଦିନ ମଧ୍ୟରେ ଚାଷୀଙ୍କୁ ହଇରାଣ ନ କରି କିଣା ଯାଉ। ନୂତନ ସରକାର ଗଠନର ପ୍ରଥମ ଦିନରୁ ଧାନ କିଣା ଅବ୍ୟବସ୍ଥାର ସୁଧାର ଅଣିବାକୁ ଏବଂ ନିର୍ବାଚନରେ ଦେଇଥିବା ପ୍ରତିଶୃତି ଅନୁଯାୟୀ ଧାନ କଇଣ୍ଟାଲ ପିଛା ୩୧ ଶହ ଟଙ୍କା ସରକାରୀ ଭାବେ ଘୋଷଣା କରିବାକୁ ଚାଷୀ ସଂଗଠନ ଦାବି କରିଛନ୍ତି। ଏହି ଅବସରରେ ଏକ ବାଇକ ଶୋଭାଯାତ୍ରା ଉପ୍ନ୍ନ ଭୋଇଙ୍କ ନେତୃତ୍ୱରେ ରମେଶ ମହାପାତ୍ର, ସୁଦାମ ପାତ୍ର, ନରେନ୍ଦ୍ର ଭୋଇ, ଚୂଡ଼ାମଣି ଛନ୍ଦ, ବିଜୟ ସାହୁ, କୁନା ପଧାନ, ସୁଧାଂଶୁ ଦୀପ, ନନ୍ଦିଘୋଷ ମିଶ୍ର, ପ୍ରଭାତ ମିଶ୍ରଙ୍କ ସହଯୋଗରେ ଭେଡେନ, ପପଙ୍ଗା, ଚିଚିଣ୍ଡା, ଥୁଆପାଲି, ରେମଣ୍ଡା ପରେ ସହରାଟିକ୍ରା ମଣ୍ଡି ପରି ଦର୍ଶନ କରାଯାଇଛି। ସହରା ଟିକ୍ରା ମଣ୍ଡିରେ ବାଇକ ରେଲି ସଦସ୍ୟ ମାନଙ୍କୁ ଉପଢୌକାନ ଦେଇ ଭବ୍ୟ ସ୍ୱାଗତ କରାଯାଇଥିଲା।

## ନାଳରେ ବୋହି ଯାଉଛି ପାଇପ୍ ପାଣି

**ବରଗଡ଼, ୧୧।୬(ସମିସ):** ବିଗତ ଏକ ମାସ ହେବ ବରଗଡ଼ ସହର ତତଲା କଡ଼େଇରେ ଭାଜି ହେଉଥିବା ବେଳେ ଉତ୍ତାପ ୪୦ ଡିଗ୍ରୀ ଉପରେ ରହୁଛି। ଲହି ସମୟରେ ମଣିଷ ଠାରୁ ଜୀବଜନ୍ତୁ ପାଣି ପାଇଁ ଡହକବିକଳ



ହେଉଥିବା ବେଳେ ସହରରେ ଲାଗିଥିବା ପାଇପ୍ ପାଣି ବୋହି ଯାଇ ନାଳରେ ପଡୁଥିବା ଦେଖିବାକୁ ମିଳୁଛି। ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ପ୍ରତ୍ୟେକ ଘରକୁ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା କରିଛନ୍ତି। ବର୍ଷା ଜଳକୁ କିପରି ସଂରକ୍ଷଣ କରି ପିଇବା ଯୋଗ୍ୟ କରିଯିବ ସେ ଦିଗରେ ମଧ୍ୟ କୋଟି କୋଟି ଟଙ୍କା ସରକାର ଖର୍ଚ୍ଚ କରିଛନ୍ତି। ହେଲେ ପି ଏଚ୍ ଡି ବିଭାଗ ଅଧିନରେ ଥିବା ସହରାଞ୍ଚଳର ଜଳ ଯୋଗାଣ ପ୍ରତି ସମ୍ପୃକ୍ତ ଅଧିକାରୀମାନେ ସାମାନ୍ୟତମ ଧ୍ୟାନ ଦେଉ ନଥିବା ଅଭିଯୋଗ ହେଉଛି। ବରଗଡ଼ ଦୁର୍ନୀତି ନିବାରଣ କାର୍ଯ୍ୟାଳୟ ଏବଂ ଅରବିନ୍ଦ ସ୍କୁଲ ମଧ୍ୟରେ ଥିବା ପାଣି ପାଇପରୁ ଦୈନିକ ହଜାର ହଜାର ଲିଟର ପାନୀୟ ଜଳ ଡ୍ରେନରେ ପଡ଼ି ଅଯଥାରେ ନଷ୍ଟ ହେଉଛି। କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ଆଶ୍ୱସ୍ତି ଦେଲା କାଳବୈଶାଖୀ ବର୍ଷା

**ପଦ୍ମପୁର, ୧୧।୬ (ସମିସ):** ପଦ୍ମପୁର ଅଞ୍ଚଳରେ କାଳବୈଶାଖୀ ବର୍ଷା ଆଶ୍ୱସ୍ତି ଦେଇଛି। ଗତ କିଛି ଦିନ ହେବ ଆକାଶରୁ ସତେ ଯେମିତି ଅଗ୍ନି ବର୍ଷା ହେଉଥିଲା। ଅସହ୍ୟ ତାତି ସାଙ୍ଗକୁ ମୁଣ୍ଡଫଟା ଖରା ଓ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଉଥିଲା। ଦିନ ୧୧ଟା ପରେ ରାସ୍ତା ଘାଟ ଶୂନଶାନ୍ ହୋଇପଡୁଥିଲା। ଆଜି ହଠାତ୍ ପାଗରେ ପରିବର୍ତ୍ତନ ହେଲା। ଅପରାହ୍ନ ପ୍ରାୟ ୩ଟାରେ ହଠାତ୍ ଘଡ଼ଘଡ଼ି ସହ ବର୍ଷା ହୋଇ ଯୋରରେ ପବନ ବହିଥିଲା। କାଳବୈଶାଖୀର ତାଣ୍ଡବ ଯୋଗୁଁ ସହର ଅନେକ ସ୍ଥାନରେ ବିଦ୍ୟୁତ ତାର ଓ ଖୁଣ୍ଟ ଭାଙ୍ଗି ଯାଇଥିବା ବେଳେ ବିଦ୍ୟୁତ ଯୋଗାଣ ବାଧାପ୍ରାପ୍ତ ହୋଇଛି। ତଥାପି ଏହି ବର୍ଷାରେ ଲୋକମାନେ କିଛି ମାତ୍ର ରେ ଆଶ୍ୱସ୍ତି ଅନୁଭବ କରିଛନ୍ତି।

# ବରଗଡ଼ରେ ଶୀତଳଷଷ୍ଠୀ ଯାତ୍ରା ସମ୍ପନ୍ନ





**ବରଗଡ଼, ୧୧।୬(ସମିସ):** ବରଗଡ଼ ମାଁ ଶ୍ୟାମାକାଳୀ ମନ୍ଦିରରେ ମହାସମାରୋହରେ ଦେବଦେବ ମହାଦେବଙ୍କ ସହିତ ମାତା ପାର୍ବତୀଙ୍କ ବିବାହ ଉତ୍ସବ ଶୀତଳ ଷଷ୍ଠୀ ଯାତ୍ରା ସମ୍ପନ୍ନ ହୋଇଯାଇଛି। ଜ୍ୟେଷ୍ଠ ମାସର ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ପରେ ସମସ୍ତେ ଶୀତଳତାକୁ ଆଗ୍ରହର ସହିତ ଚାହିଁ ରହିଥାନ୍ତି। ଶୀତଳଷଷ୍ଠୀ ଶୀତଳତାକୁ ବହନ କରି ଆଣିବା ପ୍ରକ୍ରିୟା ସମ୍ଭବତଃ ଏଇ ଦିନଠାରୁ ହିଁ ଆରମ୍ଭ ହୋଇଥାଏ। ଶୀତଳ ଷଷ୍ଠୀର ଆଉ ଏକ ବିଶେଷତ୍ୱ ହେଲା - ଭଗବାନ ଶଙ୍କର ମହାତାପି, ମହାକୋପୀ ପୁଣି ଆଶୁତୋଷ। ତପେ ବର, କୋପେ ବର। ଦକ୍ଷ କନ୍ୟା ସତୀଙ୍କୁ ହରାଇବା ପରେ ଶିବ କୋପରେ ଥରିଗଲେ। ତାଙ୍କ ସମ୍ମୁଖରେ ଠିଆ ହେବାପଇଁ କେହି ସାହସ କଲେ ନାହିଁ। ପରବର୍ତ୍ତୀ ସମୟରେ ପାର୍ବତୀଙ୍କ ସହ ତାଙ୍କର ବିବାହ ସମ୍ପନ୍ନ ହେଲା ଓ ଶିବଙ୍କର କୋପ ଶୀତଳ ହୋଇଥିଲା। ଶୀତଳ ଷଷ୍ଠୀ ଯାତ୍ରା ପଶ୍ଚିମ ଓଡ଼ିଶାରେ ସର୍ବତ୍ର ମହାସମାରୋହରେ ସାତ ଦିନ ଧରି ପାଳିତ ହୋଇଥାଏ। ଷଷ୍ଠୀ ଦିନ ପତ୍ନୀଙ୍କ ସହିତ ଶ୍ୱଶୁରାଳୟ ଛାଡ଼ି ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି। ଏହି ଶିବ ବିବାହ ଉତ୍ସବ ଏକ ପବିତ୍ର ଉତ୍ସବ। ଭାଗ୍ୟରେ ଥିଲେ ବରପିତା ଓ କନ୍ୟାପିତା ହେବାର ସୌଭାଗ୍ୟ ମିଳେ ବୋଲି ଭାବବିହ୍ୱଳ ହୋଇ କହିଛନ୍ତି କନ୍ୟା ପିତା ସନ୍ତୋଷ ଦେବତା ଓ ନିରୁପମା ଦେବତା। କନ୍ୟାଙ୍କ ପାଇଁ ସବୁ ପ୍ରକାର ବିବାହ ପାଇଁ ଉଦ୍ଦିଷ୍ଟ ସାମଗ୍ରୀ ଯଥା କଂସାବାସନ, ସୁନାରୁପା, ଲୁଗାପଟା, ମୁଦ୍ରା ଉପହାର ଦେଇଥାନ୍ତି, ସେମିତି ପାର୍ବତୀଙ୍କୁ ଅନେକ ଉପହାର ଦେଇ କନ୍ୟା ବିଦା କରିବୁ ବୋଲି କହିଛନ୍ତି। ସେହିପରି ବର ପିତାମାତା ହୋଇଥିବା ସୁରେଶ କୁମାର ଦାଶ ଓ ତନୁଶ୍ରୀ ଦାଶ ଦେବ ଦେବ ମହାଦେବଙ୍କ ବାପା ମା ହେବାର ସୌଭାଗ୍ୟ ମିଳିଛି ବୋଲି କହିଛନ୍ତି। ମାଁ ଶ୍ୟାମାକାଳୀଙ୍କ ସନ୍ଧ୍ୟା ଆରତି ପରେ ବିବାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ବରୁଣ ପୂଜା, ସଂକଳ୍ପ, ରୁଦ୍ରାଭିଷେକ, ଅଲଙ୍କାର ଧାରଣ, ଗନ୍ଧାଦିବାସ, ହରିଦ୍ରାଦିବାସ, ହୋଇ ବରାନୁଗମନ, ବିବାହ ପାଣିଗ୍ରହଣ ଅନୁଷ୍ଠିତ ହୋଇଥିଲା। ପରେ ଆରତି ପୁଷ୍ପାଞ୍ଜଳି ପରେ ଉପସ୍ଥିତ ସମସ୍ତ ଭକ୍ତଙ୍କୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଶିବ ପାର୍ବତୀ ବିବାହ ଉତ୍ସବରେ ପଣ୍ଡିତ ନରସିଂହ ଶତପଥୀ, ପଣ୍ଡିତ ସଞ୍ଜୟ ଦାଶ, ପଣ୍ଡିତ ଅନନ୍ତ ଶତପଥୀ, ପଣ୍ଡିତ ହରିରାମ ପଣ୍ଡା, ପଣ୍ଡିତ ସତ୍ୟାନନ୍ଦ ଶତପଥୀ, ପଣ୍ଡିତ ଆନନ୍ଦ ଷଡଙ୍ଗୀ, ପଣ୍ଡିତ ସୁମନ୍ତ ଷଡଙ୍ଗୀ ତୁଲାଇଥିବା ବେଳେ ମାଁ ଶ୍ୟାମାକାଳୀ ମନ୍ଦିର ପରିଚାଳନା ସମିତିର ସମସ୍ତ ସଭ୍ୟ ବିବାହ କାର୍ଯ୍ୟରେ ସହଯୋଗ କରିଥିଲେ।

### ବରପାଲିରେ ଶୀତଳଷଷ୍ଠୀ

# ବାବା କପିଳେଶ୍ୱର ମହାଦେବଙ୍କ ବରଯାତ୍ରା





**ବରପାଲି, ୧୧।୬ (ସମିସ):** ବରପାଲି ୧୪୭ତମ ଶିବବିବାହ ମହୋତ୍ସବରେ ବାବା କପିଳେଶ୍ୱର



ମହାଦେବଙ୍କ ବରାନୁଗମନ ହିମାଦ୍ରିନଗର ଅଭିମୂଖେ ଯାଇଛି। ଦେବତାଗଣ, ଯକ୍ଷ, ନରନାରୀ ଓ କିନ୍ନର ମାନଙ୍କ ଗହଣରେ ବାବାଙ୍କ ପରଭା ଗତ ରାତିରେ ଉଠିଥିଲା। ଏହି ଅବସରରେ ବିଭିନ୍ନ ପ୍ରଦେଶ ଓ ଜିଲ୍ଲାରୁ ପହଞ୍ଚିଥିବା ସାଂସ୍କୃତିକ ଦଳ ଏବଂ ଆତସବାଜିକୁ ନେଇ ବର ଶୋଭାଯାତ୍ରା କନ୍ୟାଗୃହରେ ପ୍ରବେଶ କରିଥିଲା। ବାବାଙ୍କ ବରଯାତ୍ରା ଦର୍ଶନ ପାଇଁ ବିଭିନ୍ନ ଛକ ଓ ରାସ୍ତା ସାରା ଅପେକ୍ଷାରତ ଶଶତାଧିକ ଶ୍ରଦ୍ଧାଳୁ ଦର୍ଶନ କରିବା ସହ ପରିବାରର ମଙ୍ଗଳ କାମନା କରିଥିଲେ।

### ହିମାଦ୍ରିନଗରରେ ବାବାଙ୍କ ବାଟବରଣ

ହିମାଦ୍ରିନଗର ପକ୍ଷରୁ ବାବା କପିଳେଶ୍ୱର ମହାଦେବଙ୍କ ବାଟବରଣ ବିଧି ସମ୍ପନ୍ନ ହୋଇଯାଇଛି। ମଙ୍ଗଳବାର ପ୍ରତ୍ୟୁଷରେ ବାବାଙ୍କ ବରଯାତ୍ରୀ ସମାବେଶ ହିମାଦ୍ରିନଗର ଦ୍ୱାର ମୁହଁରେ ପହଞ୍ଚିବା ପୂର୍ବରୁ ଅପେକ୍ଷାରତ କନ୍ୟା ପିତାମାତା ପରମେଶ୍ୱର ମେହେର ଓ ନିର ମେହେରଙ୍କ ସମେତ ସମସ୍ତ ନଗରବାସୀ ବରଯାତ୍ରୀ ମାନଙ୍କୁ ପୁଷ୍ପ ଚନ୍ଦନ ଲଗାଇ ସ୍ୱାଗତ ଜଣାଇଥିଲେ। ସେହିପରି ପରମ୍ପରା ଅନୁସାରେ ବାବାଙ୍କ ବାଟବରଣ ପଣ୍ଡିତ ମାନଙ୍କ ନୀତି ଅନୁକରଣରେ ପାଳିତ ହୋଇଥିଲା। କନ୍ୟା ପିତାମାତା ଓ ନଗରବାସୀଙ୍କ ଗହଣରେ ବାବାଙ୍କୁ କୋଳେଇ ମଣ୍ଡପ ଅଭିମୂଖେ ନେଇଥିଲେ। ପରେ ପରମ୍ପରା ଅନୁସାରେ ପଣ୍ଡିତ ମାନଙ୍କ ଦ୍ୱାରା କାର୍ଯ୍ୟକ୍ରମ ମାନ ଆରମ୍ଭ ହୋଇଥିଲା।

### ଦେବ ଦମ୍ପତିଙ୍କ ହସ୍ତବନ୍ଧନ

ବରପାଲି ଶିବାଜୀ କ୍ଲବ ହିମାଦ୍ରିନଗର ପୂଜାମଣ୍ଡପରେ ଲୋକାଚାରରେ ଦେବ ଦମ୍ପତିଙ୍କ ହସ୍ତବନ୍ଧନ ସହ ବିବାହସ୍ତୋବ ସମ୍ପନ୍ନ ହୋଇଯାଇଛି। ମଙ୍ଗଳବାର ପୂର୍ବ ନିର୍ଦ୍ଧାରିତ ଶୁଭ ମୁହୂର୍ତ୍ତରେ ପଣ୍ଡିତ ଓ ଆଚାର୍ଯ୍ୟ ମାନଙ୍କ ସହାୟତାରେ କନ୍ୟା ପିତାମାତା କନ୍ୟାଦାନ ଓ ଦେବାଦେବୀଙ୍କ ହସ୍ତବନ୍ଧନ ପର୍ବ ସମ୍ପନ୍ନ ହୋଇଥିଲା। ଏହି ଅବସରରେ ନଗରବାସୀଙ୍କ ସମେତ ବହୁ ଭକ୍ତମଣ୍ଡଳି ଦେବାଦେବୀଙ୍କ ଅଦ୍ଭୁତ ଯୁଗଳ ରୂପ ଦର୍ଶନାର୍ଥେ ପହଞ୍ଚି ଶଙ୍ଖରେ ପାଣି ଢାଳି ଆଶୀର୍ବାଦ ଭିକ୍ଷା କରିଥିଲେ।

## ବିବିଏ, ବିସିଏ ବିଶ୍ୱବିଦ୍ୟାଳୟ ପରୀକ୍ଷାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଟପ୍ ୧୦ ତାଲିକା

# ବିକାଶ ସ୍କୁଲ ଅଫ୍ ବିଜ୍‌ନେସ୍ ମ୍ୟାନେଜମେଣ୍ଟର ୯ ଛାତ୍ରଛାତ୍ରୀ



**ବରଗଡ଼, ୧୧।୬ (ସମିସ) :** ଚଳିତ ବର୍ଷର ବିସିଏ, ବିବିଏ ୨୦୨୩-୨୪ ବିଶ୍ୱବିଦ୍ୟାଳୟ ପରୀକ୍ଷାରେ ବରଗଡ଼



ସ୍ଥିତ ବିକାଶ ସ୍କୁଲ ଅଫ୍ ବିଜ୍‌ନେସ୍ ମେନେଜ୍‌ମେଣ୍ଟ କଲେଜର ବିବିଏ ବିଭାଗର ୫ଜଣ ଏବଂ ବିସିଏ ବିଭାଗର ୪ଜଣ ଛାତ୍ରଛାତ୍ରୀ ୟୁନିଭର୍ସିଟି ଟପ୍ ୧୦ ତାଲିକାରେ ସ୍ଥାନ ପାଇଛନ୍ତି। ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ପରୀକ୍ଷା ଫଳରେ ବିକାଶ ସ୍କୁଲ ଅଫ୍ ବିଜନେସ୍ ମେନେଜମେଣ୍ଟ ବରଗଡ଼ର ବିବିଏ ବିଭାଗରେ ଖୁସି ଗର୍ଗ ୯.୧୨ ସିଜିପିଏ ରଖି ୨ୟ ରେଙ୍କ, ମୁସ୍କାନ ଅଗ୍ରୱାଲ ୮.୮୧ ସିଜିପିଏ ରଖି ୩ୟ ରେଙ୍କ, ପ୍ରାଚୀ ଅଗ୍ରୱାଲ ୮.୪୧ ରଖି ୫ମ ରେଙ୍କ୍, କାଞ୍ଚନି ଆରତି ୮.୨୭ ସିଜିପିଏ ରଖି ୮ମ ରେଙ୍କ, ମନ୍ଦା ଦୁର୍ଗା ସତ୍ୟଶ୍ରୀ ୮.୧୮ ସିଜିପିଏ ରଖି ୧୦ମ ରେଙ୍କ୍ ଏବଂ ବିସିଏ ବିଭାଗରେ ମନିସ ରାୟ ୯.୫୦ ସିଜିପିଏ ରଖି ୨ୟ ରେଙ୍କ୍, ସୌମ୍ୟଜିତ ପଧାନ ୯.୪୦ ସିଜିପିଏ ରଖି ୩ୟ ରେଙ୍କ୍, ସର୍ଗମ ମେହେର ୯.୧୯ ସିଜିପିଏ ରଖି ୫ମ ରେଙ୍କ୍, ସମ୍ବିତ ମିଶ୍ର ୯.୦୦ ସିଜିପିଏ ରଖି ୯ମ ରେଙ୍କ୍ ରଖି ସମ୍ବଲପୁର ବିଶ୍ୱବିଦ୍ୟାଳୟର ଟପ୍ ୧୦ ତାଲିକାରେ ରହିଛନ୍ତି ବୋଲି ଅନୁଷ୍ଠାନର ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ପ୍ରକାଶ କରିଛନ୍ତି। ଶ୍ରୀ ରାଓ ୟୁନିଭର୍ସିଟି ପରୀକ୍ଷାରେ ଟପ୍ ୧୦ ତାଲିକାରେ ଥିବା ଛାତ୍ରଛାତ୍ରୀ କୃତୀତ୍ୱ ଲାଭ କରିଥିବା ନେଇ ଆନନ୍ଦ ପ୍ରକାଶ କରିଛନ୍ତି ଏବଂ ବିଜିନେସ୍ ମେନେଜମେଣ୍ଟ କଲେଜର ଉଚ୍ଚମାନର ଶିକ୍ଷାବ୍ୟବସ୍ଥାକୁ ଭୂୟସୀ ପ୍ରଶଂସା କରିଛନ୍ତି। ଏହି ଅନନ୍ୟ ସଫଳତାରେ ଅନୁଷ୍ଠାନର ଅଧ୍ୟକ୍ଷ ଡ. କ୍ଷିରୋଦ କୁମାର ପ୍ରଧାନ ସମସ୍ତ କୃତି ଛାତ୍ରଛାତ୍ରୀ ତଥା ଅଧ୍ୟାପକ ଅଧ୍ୟାପିକା ମାନଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି। ସୂଚନା ଥାଉକି ପ୍ରତିବର୍ଷ ଏହି ମହାବିଦ୍ୟାଳୟରୁ ଅନେକ ଛାତ୍ରଛାତ୍ରୀ ବିଶ୍ୱବିଦ୍ୟାଳୟ ସ୍ତରରେ ଟପ୍ ୧୦ ରେଙ୍କରେ କୃତକାର୍ଯ୍ୟ ହୋଇ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ କମ୍ପାନୀରେ କାର୍ଯ୍ୟ କରିବାର ସୁଯୋଗ ପାଇ ଅନୁଷ୍ଠାନକୁ ଗୌରବାନ୍ୱିତ କରୁଛନ୍ତି।

### ଶୋଭାଯାତ୍ରାରେ ବାବା ରାମେଶ୍ୱର

# ବରଯାତ୍ରୀରେ ୨୦ ହଜାର ଶ୍ରଦ୍ଧାଳୁ

**ପଦ୍ମପୁର, ୧୧।୬(ସମିସ):** ପଦ୍ମପୁର ଶୀତଳଷଷ୍ଠୀ ମହୋତ୍ସବ କମିଟି ତରଫରୁ ଶ୍ରୀ ଶ୍ରୀ ରାମେଶ୍ୱର ବାବା



ଓ ମାତା ପାର୍ବତୀ ଙ୍କ ନିର୍ବନ୍ଧ ସହିତ ହରିଦ୍ରାଦିବାସ ମହାଆଡମ୍ବର ରେ ସମାପନ ହୋଇଯାଇଛି। ସୋମବାର ସଂଧ୍ୟା ରେ ମାତା ପାର୍ବତୀ ହିମାଦ୍ରୀ ନଗର ସ୍ଥିତ ବାସଭବନ କୁନେଇ ପୂଜାର୍ଚ୍ଚନା ତଥା ପ୍ରତିଷ୍ଠା କରି ଅଳଙ୍କାର ଧାରଣ ନୀତି ସମାପନ କରିଥିଲେ। ଆଜି ସଂନ୍ଧ୍ୟା ୭ଟା ରେ ସ୍ଥାନୀୟ ଶୀବାଳୟ ରୁ ବର ପିତା ସେବକ ମେହେର, ମାଧବୀ ମେହେର ଶ୍ରୀ ଶ୍ରୀ ରାମେଶ୍ୱର ବାବା ସୁନା ରୂପା ଅଳଙ୍କାର ରେ ଭୂଷିତ ହୋଇ ବରବେଶ ରେ ସୁସଜ୍ଜିତ ରଥ ରେ ଦେବା ଦେବୀ, ନରକିନ୍ନର, ଯକ୍ଷ ଙ୍କ ଗହଣ ରେ ବରାତି ଶୋଭାଯାତ୍ରାରେ ବାହାରି ଥିଲେ।ଶଙ୍ଖ, ଘଣ୍ଟା ଦୁଲଦୁଲି ବାଜା ସମେତ, ମହାରାଷ୍ଟ୍ର ର କଳାକାର ମାନଙ୍କ ଓଡ଼ିଶୀ ନୃତ୍ୟ,

### ରାଜ୍ୟ ଓ ରାଜ୍ୟ ବାହାରୁ ୨୨ ସାଂସ୍କୃତିକ ଦଳ ସାମିଲ

ଛତିଶଗଡ଼ ର ଶିବ ହନୁମାନ ଙ୍କ ଧୁମାଲ ନୃତ୍ୟ, ପୁରୀ ର "ଓଡିଶୀ, ଖୋର୍ଦ୍ଧା ର ପାଇକ ନୃତ୍ୟ, ଭୁବନେଶ୍ୱର ର ବାଇ ନାଚ, ସମ୍ବଲପୁର, ଝାରସୁଗୁଡ଼ାର ନାଗା ନୃତ୍ୟ ଟିଟିଲାଗଡ଼ ରଘଣ୍ଟ ପାର୍ଟି ସମେତ ୨୦ ରୁ ଉର୍ଦ୍ଧ୍ୱ କଳାକାର ଦଳ ଏବଂ ୨୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଏହି ବରଯାତ୍ରାରେ ସାମିଲ ଥିଲେ। ବଡ଼ବନ୍ଧ ଶିବମନ୍ଦିରରୁ ବାହାରି ଶାସ୍ତ୍ରୀ ଛକ, ଥାନା ଛକ, କଚେରୀ ଛକ ଭେଡେଁରିଆ ଛକ ଦେଇ ନେହେରୁ ଗଳି ସ୍ଥିତ ହିମାଦ୍ରୀ ନଗରରେ ପହଞ୍ଚି ଥିଲେ।ସେଠାରେ କନ୍ୟା ପିତା ମାତା ପ୍ରଶାନ୍ତ ପଟ୍ଟନାୟକ ଓ ଶାନ୍ତିପ୍ରିୟା ପଟ୍ଟନାୟକ ବରଯାତ୍ରୀ ଦଳ ଙ୍କୁ ପାଛୋଟି ନେଇଥିଲେ।ପରେ ରୀତିନୀତି ଅନୁସାରେ ମଧ୍ୟରାତ୍ରରେ ବିବାହ କାର୍ଯ୍ୟ ସମାପନ ହୋଇଥିଲା। ଏହି ବିବାହ କାର୍ଯ୍ୟ କୁ ପଣ୍ଡିତ ରଘୁନାଥ ତ୍ରିପାଠୀ, ଶେଷଦେବ ନନ୍ଦ, ଉଦୟ ନନ୍ଦ ତୁଲାଇଥିଲେ। ଶୀତଳଷଷ୍ଠୀ କମିଟିର ସଭାପତି ଭୋଜରାଜ ସିଂ ବରିହା, କାର୍ଯ୍ୟକାରୀ ସଭାପତି ହରିଶଙ୍କର ଅଗ୍ରୱାଲ, ସମ୍ପାଦକ ଅଚ୍ୟୁତାନନ୍ଦ ସେଠ, ବେଣୁ ମାଧବ ଦୋରା, ଅଜିତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସହର ର ବିଭିନ୍ନ ସ୍ଥାନରେ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷ ଦ୍ୱାରା ପାଣି ଓ ଥଣ୍ଡା ସରବତ ବିତରଣ କରଯାଇଥିଲା।ସେହିପରି ସ୍ଥାନୀୟ ଆର୍ ସି ଏମ ଏସ ପ୍ରାଙ୍ଗଣରେ କମିଟି ତରଫରୁ ୧୫ ହଜାର ରୁ ଉର୍ଦ୍ଧ ଶ୍ରଦ୍ଧାଳୁ ଙ୍କ ପାଇଁ ଅନ୍ନଭୋଗ ର ବ୍ୟବସ୍ଥା କରାଯାଇଥିଲା।

## ବରିଷ୍ଠ ନାଗରିକ ଲୋକନାଥ ଦାଶଙ୍କ ପରଲୋକ

**ବରଗଡ଼, ୧୧।୬(ସମିସ):** ସଦର ବ୍ଲକ ଗୋବିନ୍ଦପୁର ଗ୍ରାମର ବରିଷ୍ଠ ନାଗରିକ ଲୋକନାଥ ଦାଶଙ୍କ ସୋମବାର ପରଲୋକ



ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୭ ବର୍ଷ ବୟସ ହୋଇଥିଲା। ସେ ସମ୍ପୂର୍ଣ୍ଣ ସୁସ୍ଥ ଥିଲେ ନିଜ ନିତ୍ୟ କର୍ମ ପ୍ରତିଦିନ ପରି ସମାପ୍ତ କରି ଘରେ ବସିଥିଲେ ହଠାତ୍ ତାଙ୍କର ହୃତ୍ ସ୍ପନ୍ଦନ ବନ୍ଦ ହୋଇ ଯାଇଥିଲା। ସେ ଜଣେ ମେଳାପି ମିଷ୍ଟଭାଷୀ ଓ ସର୍ବୋପରି ଧର୍ମ ପରାୟଣ ବ୍ୟକ୍ତି ଥିଲେ। ସ୍ଥାନୀୟ ଜଗନ୍ନାଥ ମନ୍ଦିରର ପୂଜକ ମଧ୍ୟ ଥିଲେ। ତାଙ୍କ ବିୟୋଗ ଖବର ପ୍ରଚାରିତ ହେବା ପରେ ଗୋବିନ୍ଦପୁର ଗ୍ରାମରେ ଶୋକର ଛାୟା ଖେଳି ଯାଇଥିଲା। ଏହି ଖବର ପାଇ ବରଗଡ଼ର ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ସ୍ଥାନୀୟ ସରପଞ୍ଚ ପ୍ରଫୁଲ୍ଲ କୁମାର ନାଏକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋକବ୍ୟକ୍ତ କରିବା ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜ୍ଞାପନ କରିଛନ୍ତି। ଗାଁ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

# ସରସରା ବିଶ୍ୱନାଥ ମିର୍ଦ୍ଧା ହତ୍ୟା ଘଟଣା; ମୁଖ୍ୟ ଅଭିଯୁକ୍ତ ଏବେ ବି ଫେରାର

**ବରଗଡ଼, ୧୧।୬(ସମିସ)**

ସରସରା ବିଶ୍ୱନାଥ ମିର୍ଦ୍ଧା ହତ୍ୟା ଘଟଣାରେ ମୁଖ୍ୟ ଅଭିଯୁକ୍ତ ଏବେବି ଫେରାର ରହିଥିବା ବେଳେ ହତ୍ୟାକାଣ୍ଡର ଦୀର୍ଘ ଦିନ ପରେ ମଧ୍ୟ ପୁଲିସର ହାତ ଖାଲି ରହିଛି। ଏହି ଅଭାବନୀୟ ଘଟଣାକୁ ୨୩ ଦିନ ବିତିଯାଇଥିଲେ ମଧ୍ୟ ପୁଲିସ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିବାରେ ସକ୍ଷମ ହୋଇ ପାରି ନାହିଁ। ଅପରପକ୍ଷେ ତାର ସହଯୋଗୀକୁ ଗିରଫ କରି ପୁଲିସ ନିଜ କାମ ସାରି ଦେଇଥିବା ପରି ମନେ ହେଉଛି। ଏପରି ସ୍ଥିତିରେ ମୃତ ବିଶ୍ୱନାଥର ପରିବାରକୁ ନ୍ୟାୟ ମିଳିବ କି ନାହିଁ ତାହା ଏବେ ବଡ ପ୍ରଶ୍ନ ପାଲଟିଛି। ସୂଚନା ଯୋଗ୍ୟ ଯେ ଗତ ମାସ ୨୦ ତାରିଖରେ ବରଗଡ଼ ସଦର ଥାନା ଅନ୍ତର୍ଗତ ସରସରା ଗ୍ରାମରେ ବିଶ୍ୱନାଥ ମିର୍ଦ୍ଧା ନାମକ ଜଣେ ଅଟୋ ଚାଳକଙ୍କ ଦିନ ଦିପହରରେ ଭୁଜାଲି ମାଡରେ ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ସେ ସମୟରେ ଗାଁରେ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ଘଟଣାର ୫ ଦିନ ପରେ ପୁଲିସ ଏହି ହତ୍ୟାକାଣ୍ଡରେ ଜଣେ ଅଭିଯୁକ୍ତ ମନୋଜ ଓରଫ ଦୁର୍ବାଦଳ ନାଗକୁ ଛତିଶଗଡ଼ରୁ ଗିରଫ

### ୨୩ ଦିନ ପରେ ମଧ୍ୟ ପୁଲିସ ହାତ ଖାଲି

କରିଥିଲା। ତେବେ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଅଶୋକ ମହାନନ୍ଦଙ୍କୁ ପୁଲିସ ଏ ଯାଏଁ ଗିରଫ କରି ପାରିନାହିଁ। ସେ ସମୟରେ ବରଗଡ଼ ଏସପି ସାମ୍ବାଦିକ ସମ୍ମିଳନୀରେ ଅଭିଯୁକ୍ତମାନେ ବ୍ୟକ୍ତିଗତ ଶତ୍ରୁତାକୁ ନେଇ ନିଶାସକ୍ତ ଅବସ୍ଥାରେ ଏହି କାଣ୍ଡ ଭିଆଇଥିଲେ ଏବଂ ଅଟୋ ଛିଡ଼ା କରିବା ନେଇ ଗଣ୍ଡଗୋଳ କରିବା ସହ ବିଶ୍ୱନାଥ ମିର୍ଦ୍ଧାକୁ ଭୁଜାଲିରେ ଆକ୍ରମଣ କରାଯାଇଥିବା କହିଥିଲେ। ତେବେ ଗତ ୨୪ ତାରିଖରେ ବରଗଡ଼ ଏସପି ସାମ୍ବାଦିକ ସମ୍ମିଳନୀରେ ଘଟଣା ସମ୍ପର୍କରେ ସୂଚନା ଦେବା ସହ ସେ ସମୟରେ ବିଶ୍ୱନାଥ ମିର୍ଦ୍ଧା ଗାଁରେ ଥିବା ଶନି ମନ୍ଦିର ନିକଟରେ ନିଜ ଅଟୋ ଛିଡ଼ା କରିଥିବା ବେଳେ ପଛରୁ ଅନ୍ୟ ଏକ ଅଟୋ ଓଡି ୧୭ ଜେଡ ୯୦୯୫ ଆସି ଛିଡ଼ା ହୋଇଥିଲା। ସେହି ରାସ୍ତାରେ ମୋଟର ସାଇକେଲରେ ମୁଖ୍ୟ ଅଭିଯୁକ୍ତ ଅଶୋକ ମହାନନ୍ଦ ଆସି ରାସ୍ତାରେ ଅଟୋ ଛିଡା କରିଥିବା ନେଇ ଉକ୍ତ ଅଟୋ ଡ୍ରାଇଭର ସହ ପାଟିତୁଣ୍ଡ କରିଥିଲେ। ତେବେ ଉକ୍ତ ଅଟୋ ଡ୍ରାଇଭରକୁ ସମର୍ଥନ କରିବାରୁ ଅଶୋକ ବିଶ୍ୱନାଥ ସହ ମଧ୍ୟ ପାଟିତୁଣ୍ଡ, ଠେଲାପେଲା କରିଥିଲା। ହୋହାଲ୍ଲା ଦେଖି ପାଖରେ ଛିଡା ହୋଇଥିବା ଅଶୋକର ସାଙ୍ଗ ମନୋଜ ମଧ୍ୟ ସେଠାକୁ ପହଞ୍ଚି ବିଶ୍ୱନାଥକୁ ଆକ୍ରମଣ କରିଥିଲା। ମନୋଜ ବିଶ୍ୱନାଥକୁ ଧରିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଅଶୋକ ଭୁଜାଲିରେ ବିଭିନ୍ନ ସ୍ଥାନରେ ଆକ୍ରମଣ କରିଥିଲା। ପରେ ଗ୍ରାମବାସୀ ଗୁରୁତର ଅବସ୍ଥାରେ ବିଶ୍ୱନାଥକୁ ବରଗଡ଼ ଡାକ୍ତରଖାନାକୁ ଆଣିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନିର୍ବାଚନ ଦିନ ଏହି ଘଟଣା ଘଟିଥିବା ବେଳେ ଗାଁରେ ଉତ୍ତେଜନା ଦେଖାଦେଇଥିଲା। ପରେ ପୁଲିସ ଫୋର୍ସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲେ। ଏ ନେଇ ମୃତ ବିଶ୍ୱନାଥର ଭାଇ ଦିବାକର ମିର୍ଦ୍ଧାଙ୍କ ଅଭିଯୋଗକ୍ରମେ ବରଗଡ଼ ସଦର ଥାନା କେସ ନମ୍ବର ୨୫୨ ରେ ଏକ ମାମଲା ରୁଜୁ କରି ଗତ ମାସ ୨୪ ତାରିଖରେ ଛତିଶଗଡ଼ ଅଞ୍ଚଳରୁ ମନୋଜ ଓରଫ ଦୁର୍ବାଦଳ ନାଗକୁ ଗିରଫ କରିଥିଲା। ଅପରପକ୍ଷେ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ଅଶୋକ ମହାନନ୍ଦକୁ ବରଗଡ଼ ପୁଲିସ ଏ ଯାଏଁ ଗିରଫ କରି ପାରି ନଥିବା ବେଳେ ଏହାକୁ ନେଇ ପୁଲିସର କାର୍ଯ୍ୟଧାରା ପ୍ରତି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

